- ଜମିରେ ମୁଥା ଓ ଚଉଡା ପତରିଆ ଘାସ ଅଧିକା ଦେଖାଗଲେ, ଧାନ ରୋଇବାର ୧୫ ଦିନ ପରେ ଇଥୋକ୍ସିସଲ୍ଫ୍ୟୁରନ୍ (ସନ୍ ରାଇସ୍) ୬ ଗ୍ରାମ୍ ପ୍ରତି ଏକରରେ ୧୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ବର୍ଷାଶ୍ରିତ ସ୍ୱଳ୍ପ ଖାଲୁଆ ଏବଂ ଜଳସେଚିତ ରୁଆ ଧାନରେ ଅନାବନା ଘାସ ନିୟନ୍ତ୍ରଣ

### କ) ଉନ୍ନତ ଚାଷ ପ୍ରଣାଳୀ ଦ୍ୱାରା ଅନାବନା ଘାସ ଦମନ :

- କାଦୁଅରେ ସିଧା ବୁଣା ଧାନ ଚାଷରେ ଜମି ପ୍ରସ୍ତୁତ ହେଲାପରି ଜମି ପ୍ରସ୍ତୁତ କରନ୍ତୁ।
- ତାଲୁଅ ଧାନର ୨୫-୩୦ ଦିନର ତଳିକୁ ଧାଡ଼ିକୁ ଧାଡ଼ି ୨୦ ସେ.ମି. ଏବଂ ଗଛକୁ ଗଛ ୧୫ ସେ.ମି. କିମ୍ବା ୧୫ ସେ.ମି. ଏବଂ ୧୫ ସେ.ମି. ବ୍ୟବଧାନରେ ୨-୩ ଟି ଗଛ ଗୋଟିଏ ବୁଦାରେ ରୁଅନ୍ତୁ।
- ଯବକ୍ଷାରଜାନ ସାରକୁ ସମାନ ୩-୪ ଭାଗ କରି ମାଟିର ଉର୍ବରତା ଏବଂ କିସମର ଅବଧିକୁ ଆଖି ଆଗରେ ରଖି ବ୍ୟବହାର କରନ୍ତୁ।
- ଯବକ୍ଷାରଜାନ ସାରର ପ୍ରଥମ ଭାଗ ରୁଆର ୧୫ ଦିନରେ ଏବଂ ବାକି ସାର ୧୫-୨୦ ଦିନ ବ୍ୟବଧାନରେ ପକାନ୍ତୁ।

### ଖ) ଯାନ୍ତ୍ରିକ ପଦ୍ଧତିରେ ଅନାବନା ଘାସ ଦମନ :

- ଜମିରେ ୫-୭ ସେ.ମି. ପର୍ଯ୍ୟନ୍ତ ପାଣିଥିବା ଅବସ୍ଥାରେ ଏବଂ ରୁଆ ହେବାର ୨୫-୩୦ ଦିନରେ ରୁଆ ଧାନରେ କୋନୋ ଓ୍ୱିଡ଼ର ବା ଯନ୍ତ୍ରଚାଳିତ ଓ୍ୱିଡର ଚଲାନ୍ତୁ।
- ଧାନବୁଦା ନିକଟରେ ଏବଂ ଧାନ ଧାଡି ମଧ୍ୟରେ ଥିବା ସମସ୍ତ ଘାସକୁ ହାତରେ କାଢ଼ି ସଫା କରିଦିଅନ୍ତୁ।

### ଗ) ରାସାୟନିକ ପଦ୍ଧତିରେ ଅନାବନା ଘାସ ଦମନ :

- ତଳିଘେରାରେ ଘାସ ଦମନ ନିମନ୍ତେ ଧାନ ବୁଣିବାର ୨-୩ ଦିନରେ ଏକର ପିଛା ୮ ଗ୍ରାମ୍ ପାଇରାଜୋସଲ୍ଫୁରନ୍ ଇଥାଇଲ୍ (ସାଥି) ପକାନ୍ତୁ।
- ଯେଉଁ ଜମିରେ ସୁଆଁ ଘାସ ଅଧିକା ଦେଖାଯାଇଥାଏ ସେଠାରେ ଧାନ ରୁଆର ୮-୧୦ ଦିନ ପରେ ବିସ୍ପାଇରିବାକ୍ ସୋଡିୟମ୍ (ନୋମିନିଗୋଲ୍ଡ) ଏକର ପିଛା ୧୨ ଗ୍ରାମ୍ ୧୨୦ ଲିଟର ପାଣିରେ ମିସାଇ ସିଞ୍ଚନ କରନ୍ତୁ ।
- ସମସ୍ତ ପ୍ରକାର ମିଶ୍ରିତ ଘାସ ଯେଉଁ ଜମିରେ ଅଧିକାଂସ ଦିଖିବାକୁ ମିଳିଥାଏ ସେଠାରେ ୫-୭ ଦିନ ପରେ ବେନ୍ ସଲଫ୍ୟୁରାନ୍ ମିଥାଇଲ୍ ୨୪ ଗ୍ରାମ୍ + ପ୍ରେଟିଲାକ୍ଲୋର୍ ୨୪୦ ଗ୍ରାମ୍ (ଲୋଣ୍ଡାକ୍ସ ପାଓ୍ୱାର) ଏକର ପିଛା ୪ କିଲୋଗ୍ରାମ୍ ଦାନାକୁ ୪ କିଲୋଗ୍ରାମ୍ ବାଲି ସହ ମିଶାଇ ଛାଟିଲେ ଉପଯୁକ୍ତ ପରିଣାମ ବାହାରିଥାଏ।
- ରୁଆ ଜମିରେ, କାଦୁଅବୁଣା ଜମି ପରି ରାସାୟନିକ ଘାସ ନିୟନ୍ତ୍ରଣ ପଦ୍ଧତି ଅବଲମ୍ବନ କରନ୍ତୁ।
- ଏହା ବ୍ୟତୀତ, ରବି ଋତୁରେ ଏକର ପିଛା ୧.୬ ଗ୍ରାମ୍ ଆଲ୍ମିକ୍ସ, ରୋଇବାର ୧୫ ଦିନ ପରେ ସିଞ୍ଚନ କଲେ ମୁଥା ଜାତୀୟ ଏବଂ ଚଉଡାପତ୍ରିଆ ଅନାବନା ଘାସ ସବୁ ଦମନ ହୋଇଥାନ୍ତି ଅଥବା ଜମିରେ ମୁଥା ଓ ଚଉଡା ପତରିଆ ଘାସ ଅଧିକା ଦେଖାଗଲେ, ଧାନ ରୋଇବାର ୧୫ ଦିନ ପରେ ଇଥୋକ୍ସିସଲ୍ଫ୍ୟୁରନ୍ (ସନ୍ ରାଇସ୍) ୬ ଗ୍ରାମ୍ ପ୍ରତି ଏକର ସିଞ୍ଚନ କରନ୍ତୁ।
- ଜମିରେ ଅଧିକା ଚଉଡା ପତ୍ର ଘାସ ଦେଖାଗଲେ ପେନୋକ୍ସୁଲାମ୍ (ଗ୍ରାନାଇଟ୍) ଏକର ପିଛା ୯ ଗ୍ରାମ୍ ସିଞ୍ଚନ କରନ୍ତୁ।

### ସାଧାରଣ ସୂଚନା :

- ବେନ୍ସଲ୍ଫ୍ୟୁରନ୍ ମିଥାଇଲ୍ + ପ୍ରେଟିଲାକ୍ଲୋର ବ୍ୟତୀତ ଅନ୍ୟ ଘାସମରା ଔଷଧ ଗୁଡିକ ଏକର ପ୍ରତି ୧୨୦ ଲିଟର ପାଣିରେ ମିଶ୍ରଣ କରି ପତ୍ର ସିଞ୍ଚନ କରିବା ଉଚିତ୍।
- ବେନ୍ସଲଫ୍ୟୁରନ୍ ମିଥାଇଲ୍ + ପ୍ରେଟିଲାକ୍ଲୋର କୁ ଏକର ପ୍ରତି ୪ କେ.ଜି. ଶୁଖିଲା ବାଲିରେ ମିଶାଇ ସମାନ ଭାବରେ ପ୍ରୟୋଗ କରନ୍ତୁ।

# ଧାନ ଚାଷରେ ସମନ୍ୱିତ ପ୍ରଣାଳୀରେ ଅନାବନା ଘାସ ନିୟନ୍ତ୍ରଣ

ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ବୈଷୟିକ ଇସ୍ତାହାର-୧୩୧
©ସମସ୍ତ ସତ୍ତ୍ୱ ସଂରକ୍ଷିତ - ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, ଜୁନ୍ -୨୦୧୮
ସମ୍ପାଦନା ଏବଂ ପୃଷ୍ଠା ବିନ୍ୟାସ: ନିର୍ମଳ ଚନ୍ଦ୍ର ରଥ ଏବଂ ସଂଧ୍ୟା ରାଣୀ ଦଲାଲ୍
ଫଟୋ: ଅକ୍ଷୟ କୁମାର ମହାରଣା

ISO 9001 REGISTERED
BN10448/9364:0914

ପ୍ରକାଶକ: ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ, ଓଡ଼ିଶା - ୭୫୩ ୦୦୬
ମୁଦ୍ରଣ : ପ୍ରିଣ୍ଟେକ ଅଫ୍ସେଟ୍, ଭୁବନେଶ୍ୱର ।

# ଧାନ ଚାଷରେ ସମନ୍ୱିତ ପ୍ରଣାଳୀରେ ଅନାବନା ଘାସ ନିୟନ୍ତ୍ରଣ

ସଂଜୟ ସାହା, ଭାସ୍କର ଚନ୍ଦ୍ର ପାତ୍ର, ସୁସ୍ମିତା ମୁଣ୍ଡା, ଲୋଟନ କୁମାର ବୋଷ ଏବଂ ପ୍ରକାଶ ଚନ୍ଦ୍ର ରଥ



ଧାନ ଉତ୍ପାଦନ କ୍ଷେତ୍ରରେ ଅନାବନା ଘାସ ଏକ ମୁଖ୍ୟ ସମସ୍ୟା ସୃଷ୍ଟି କରିଥାନ୍ତି। ଉପଯୁକ୍ତ ଆଲୋକ, ଖାଦ୍ୟସାର, ପାଣି ଏବଂ ପବନ ପାଇ ବିଭିନ୍ନ ପ୍ରକାରର ଘାସ ଧାନଗଛ ସହିତ ପ୍ରତିଦ୍ୱନ୍ଦିତା କରିଥାନ୍ତି ଓ ସମାନ୍ତରାଳ ଭାବେ ବଢ଼ିଥାନ୍ତି। ଏହି ଘାସ ଗଛ ଗୁଡିକ ବିଭିନ୍ନ ପ୍ରକାର ଅନିଷ୍ଟକାରୀ ପୋକ, ସୂତ୍ରଜୀବ ଏବଂ ଜୀବାଣୁକୁ ଆଶ୍ରୟ ଦେଇଥାନ୍ତି। ସର୍ବାଧିକ ପରିମାଣର ଘାସ ବର୍ଷାଶ୍ରୀତ ଢ଼ିପଜମି ଧାନରେ, ତାପରେ କାଦୁଅବୁଣା ଧାନରେ ଏବଂ ସର୍ବନିମ୍ନ ପରିମାଣ ରୁଆଧାନରେ ଦେଖାଯାଇଥାଏ। ଘାସ ଜାତୀୟ ଗଛ ମାନଙ୍କ ମଧ୍ୟରେ ସୁଆଁ, ଫୁଲକା ଘାସ, କାଉଗୋଡିଆ, କଙ୍କଡା ଗୋଡିଆ ଏବଂ ରେଗଡା ଇତ୍ୟାଦି ପ୍ରଧାନ। ଏହି ସବୁ ଘାସ ଧାନ ଗଛ ସହିତ ଏକାଠି କିମ୍ବା ପ୍ରଥମରୁ ବାହାରିଥାନ୍ତି ଏବଂ ଧାନଗଛ ସହିତ ବଢ଼ିବାରେ ପ୍ରତିଦ୍ୱନ୍ଦିତା କରି ପ୍ରତିବନ୍ଧକ ହୋଇଥାନ୍ତି । ମୁଥା ଜାତୀୟ ଘାସମାନଙ୍କ ମଧ୍ୟରେ ତିନିକୋଣିଆ ମୁଥା, ସୁଜି ଘାସ ଏବଂ ଗାଇଚିରା ଇତ୍ୟାଦି ପ୍ରଧାନ ଅଟେ । ସେହିପରି ଚଉଡା ପତରିଆ ଘାସ ମଧ୍ୟରେ ମଦରଙ୍ଗା, ପୋକଶୁଙ୍ଘା, ଲବଙ୍ଗୀ, ଭୂଇଁମକା, ଅଣସୋରିଷ, ସୁନ୍ସୁନିଆଁ, ବିଲାତିଦଳ, ବୋର୍ଝାଞ୍ଜି ଏବଂ କାନିସିରି ପ୍ରଧାନ। ଏହି ଗୁଡିକ ଧାନଗଛ ବଢ଼ିବା ପରେ ବାହାରିଥାନ୍ତି। ଅନୁକୂଳ ପରିବେଶରେ ଏଗୁଡିକ ମାଟିଭିତରେ ଥିବା ମଞ୍ଜିରୁ ଜାତ ହୋଇଥାନ୍ତି।

ବିଭିନ୍ନ ପ୍ରକାରର ପ୍ରତିକାର ପନ୍ଥା, ଯଥା ଉନ୍ନତମାନର ଫସଲ ଉପଚାର, ରାସାୟନିକ କିମ୍ବା ଯାନ୍ତ୍ରିକ ପ୍ରଣାଳୀରେ ଦମନ ମାଧ୍ୟମକୁ ଗ୍ରହଣ କରି ସମନ୍ୱିତ ଉପାୟରେ ଘାସ ଦମନ କଲେ ଧାନ ଉତ୍ପାଦନର ଆଖିଦୃଶିଆ ବୃଦ୍ଧି ହୋଇଥାଏ। ସମନ୍ୱିତ ଉପଚାର ମାଧ୍ୟମରେ ଧାନ ବିଲରେ ଘାସ ଦମନ କରିବାର କୌଶଳ ଗୁଡିକ ହେଲା :

### ପ୍ରତିକାରାତ୍ମକ ଉପାୟ :

- ଅନାବନା ଘାସ ମଞ୍ଜି ମିଶିନଥିବା, ସ୍ୱୀକୃତ ପ୍ରାପ୍ତ ବିହନ ବିକ୍ରୟ କେନ୍ଦ୍ରରୁ ପ୍ରାମାଣିକ ବିହନ କିମ୍ବା ବିଶ୍ୱାସନୀୟ ସୂତ୍ରରୁ ନିରୋଳା ବିହନ ଆଣି ବ୍ୟବହାର କରନ୍ତୁ।
- ଶତକଡା ୨ ଭାଗ ଲବଣ ଦ୍ରବଣରେ ଧାନ ବିହନକୁ ବୁଡାଇ ସେଥିରୁ ଭାସୁଥିବା ଘାସ ମଞ୍ଜିକୁ ଅଲଗା କରି ସଫା କରନ୍ତୁ।
- ସମ୍ପୂର୍ଣ୍ଣ ସଢ଼ିନଥିବା ବା ଅଧାସଢ଼ା କମ୍ପୋଷ୍ଟକୁ ବ୍ୟବହାର କରନ୍ତୁନାହିଁ, କାରଣ ସେଥିରେ ଜୀବନକ୍ଷମ ଅନାବନା ଘାସର ମଞ୍ଜି ଥାଏ।

- ଧାନ କଟାପରେ, ପଡିଆ ଜମିକୁ ଭଲ କରି ହଳ କରନ୍ତୁ, ଏହା ଦ୍ୱାରା ଘାସ କମ୍ ହୋଇଥାଏ।
- ଏପ୍ରିଲ କିମ୍ବା ମେ ମାସରେ ଖରାଟିଆ ଗଭୀର ଚାଷ (ତିନିବର୍ଷରେ ଥରେ) କଲେ କେତେକ ଘାସର ବର୍ଦ୍ଧନଶୀଳ ଅଙ୍ଗ ବାହାରକୁ ବାହାରିଯାଏ ଏବଂ କେତେକ ଘାସ ଗଛର ମଞ୍ଜି ଗଭୀର ମାଟିକୁ ଚାଲି ଯିବା ଦ୍ୱାରା ଘାସର ବଂଶବିସ୍ତାର ହୋଇପାରିନଥାଏ।



ଝରହା ଧାନ

## ବାଲୁଙ୍ଗାଧାନର (ୱିଡି ରାଇସ୍‌ର) ପ୍ରତିକାରାତ୍ମକ ନିୟନ୍ତ୍ରଣ

- ସମସ୍ତ କେନାଲ ଏବଂ ଜଳସେଚନ ନାଳିରୁ ଘାସ ଜାତୀୟ ଗଛଗୁଡିକୁ ସଫା କରନ୍ତୁ।
- ଧାନ ସହିତ ଫସଲ ପର୍ଯ୍ୟାୟରେ ସୋୟାବିନ୍, ଚିନାବାଦାମ, ମକା, ସୂର୍ଯ୍ୟମୁଖୀ, ମୁଗ ଓ ବିରି ଚାଷ କରନ୍ତୁ। ଏହା ପରବର୍ତ୍ତୀ ଧାନ ଚାଷରେ ବାଲୁଙ୍ଗାଧାନର (ୱିଡି ରାଇସର) ସଂଖ୍ୟା କମାଇ ଦେଇଥାଏ।
- ବହୁ ପୂର୍ବରୁ ପ୍ରସ୍ତୁତି ହୋଇଥିବା ଧାନ ତଳି ପଟି ପଦ୍ଧତି ଅବଲମ୍ବନ କରିବା ଦ୍ୱାରା ମାଟିରେ ସଂଚିତ ବାଲୁଙ୍ଗାଧାନର ବିହନ ଅଙ୍କୁରୋଦ୍‌ଗମ ହୋଇ ଧୀରେ ଧୀରେ ସଂଖ୍ୟା ହ୍ରାସ ପାଇଥାଏ।
- ଯେଉଁ ବିଲରେ ପାଣିର ସୁବିଧା ଅଛି, ସେଠାରେ ଗଜା ହୋଇଥିବା ଧାନ ବିହନକୁ କାଦୁଅ ବୁଣା ଉପାୟରେ ଗ୍ରହଣ କରାଯାଇପାରେ।
- ବର୍ଷାଶ୍ରିତ ଖାଲୁଆ ଜମିରେ, ଧଣିଚାକୁ ସବୁଜ ଖତ ଭାବରେ ଚାଷ କଲେ ବାଲୁଙ୍ଗାଧାନର ପ୍ରକୋପ କମେଇବା ସମ୍ଭବପର ହୋଇଥାଏ।
- ଶୀତଦିନରେ ଜମିରେ ୩-୫ ସେ.ମି. ଠିଆ ପାଣି ୭-୧୦ ଦିନ ଯାଏଁ ଭର୍ତ୍ତି କରି ରଖିଲେ ବାଲୁଙ୍ଗାଧାନର ମଞ୍ଜି ଅନେକାଂଶରେ ସଢ଼ିଯିବାଦ୍ୱାରା ବଂଶ ବିସ୍ତାର କରିପାରେ ନାହିଁ।
- ଧାନ ଫୁଲ ହେବା ସମୟରେ ବାଲୁଙ୍ଗାଧାନର ଫୁଲକୁ ବା ସୁଆଁ ଥିବା କେଣ୍ଡାକୁ କାଟି ଦିଅନ୍ତୁ କିମ୍ବା ହାତରେ ଉପାଡି ନଷ୍ଟ କରିଦିଅନ୍ତୁ।



ସୁଆଁ ଘାସ

## ବର୍ଷାଶ୍ରିତ ଖାଲୁଆ ଏବଂ ଢ଼ିପ ଜମିରେ ଶୁଖା ସିଧା ବୁଣାଧାନରେ ଅନାବନା ଘାସ ନିୟନ୍ତ୍ରଣ :

### କ) ଉନ୍ନତ ଚାଷ ପ୍ରଣାଳୀ ଦ୍ୱାରା ଅନାବାନା ଘାସ ନିୟନ୍ତ୍ରଣ

- ମାଟିକୁ ଭଲ କରି ଗୁଣ୍ଡ କରିବା ପାଇଁ ୨-୩ ଥର ହଳ କରନ୍ତୁ।
- ଜମିରୁ ଧାନମୂଳି ଏବଂ ଅନାବନା ଘାସ ସଫା କରି ସମତୁଲ କରନ୍ତୁ। ଏହା ଦ୍ୱାରା ଏକା ସମୟରେ ଧାନ ଗଜାହେବା ସହିତ ଗଛ ସଂଖ୍ୟା ସବୁ ସ୍ଥାନରେ ସମାନ ରହିଥାଏ।
- ଧାନବୁଣା ଯନ୍ତ୍ର ଦ୍ୱାରା କିମ୍ବା ଲଙ୍ଗଳ ପଛରେ ଧାଡିକୁ ଧାଡି ୧୫-୨୦ ସେ.ମି. ବ୍ୟବଧାନ ରଖି ଏକର ପିଛା ୧୬ କି.ଗ୍ରା. ହିସାବରେ ବିହନ ବୁଣନ୍ତୁ।
- ଯେଉଁ ଜମିରେ ବହୁତ ଘାସ ଦେଖାଯାଏ, ସେଥିରେ ପୂର୍ବ ପ୍ରସ୍ତୁତି ତଳି ପଟି କୌଶଳ ପ୍ରୟୋଗ କରି ଧାନ ବୁଣିବାର ୧୦ ଦିନ ପୂର୍ବରୁ ଗଜାହୋଇଥିବା ଘାସକୁ ହାଲକା ଭାବରେ ହଳ କରିଦିଅନ୍ତୁ କିମ୍ବା ଘାସମରା ରାସାୟନିକ ପାରାକ୍ୱାଟ (ଗ୍ରାମୋକ୍‌ଜୋନ୍) କିମ୍ବା ଗ୍ଲାଇଫୋସେଟ୍ (ଗ୍ଲାଇସେଲ୍) ଏକର ପିଛା ୪୦୦ ମି.ଲି., ୧୨୦ ଲିଟର ପାଣି ରେ ମିଶାଇ ବ୍ୟବହାର କରି ମାରି ଦିଅନ୍ତୁ।
- ଧାନ ଗଜା ହେବାର ପ୍ରଥମ ଅବସ୍ଥାରେ ନାଇଟ୍ରୋଜେନ୍ ବା ଯବକ୍ଷାରଜାନ ସାର ବ୍ୟବହାର କରନ୍ତୁ ନାହିଁ; କାରଣ ଏହା ଘାସ ବଢ଼ିବାରେ ସାହାଯ୍ୟ କରିଥାଏ।
- ଅନୁମୋଦିତ ଯବକ୍ଷାରଜାନ ସାରକୁ ସମାନ ସମାନ ୩ ଭାଗ କରି ଧାନ ବୁଣିବାର ୧୫-୨୦, ୩୫-୪୦ ଏବଂ ୫୫-୬୦ ଦିନ ପରେ ବର୍ଷାଶ୍ରିତ ଢ଼ିପ ଜମିରେ ପ୍ରୟୋଗ କରନ୍ତୁ।
- ଖାଲୁଆ ଜମିରେ ଯବକ୍ଷାରଜାନ ସାରକୁ ତିନି ଥରରେ ଯଥା ଏକ ଦ୍ୱିତୀୟାଂଶ ୨୦ ଦିନରେ, ଏକ ଚତୁର୍ଥାଂଶ ୪୫ ଦିନରେ ଏବଂ ବାକି ଏକ ଚତୁର୍ଥାଂଶ ବୁଣିବାର ୬୫ ଦିନରେ ପ୍ରୟୋଗ କରନ୍ତୁ।



ତିନିକୋଣିଆ ମୁଥାଘାସ

### ଖ) ଧାଡି ବୁଣା ବା ରୁଆ ଧାନରେ ଯାନ୍ତ୍ରିକ ପଦ୍ଧତିରେ ଅନାବନା ଘାସ ଦମନ :

- ଧାନ ବୁଣାର ୧୫-୨୦ ଦିନ ପରେ ଆଙ୍ଗୁଠି ଆକୃତିର ଘାସ ଉପୁଡା ଯନ୍ତ୍ର (ଫିଙ୍ଗର୍ ଉଇଡର୍) ଚଲାନ୍ତୁ ଏବଂ ପରେ ଆବଶ୍ୟକ ଅନୁଯାୟୀ ଥରେ ଧାଡି ମଧରେ ଥିବା ଘାସକୁ ହାତରେ ଓପାଡି ସଫା କରନ୍ତୁ।
- ଯେଉଁ ଜମିରେ ପ୍ରବଳ ଘାସ ହୋଇଥାଏ, ଧାନ ବୁଣିବାର ୧୫ ଏବଂ ୩୦ ଦିନରେ ଆଙ୍ଗୁଠି ଆକୃତିର ଘାସ ଉପୁଡାଯନ୍ତ୍ର ଚଲାନ୍ତୁ ଏବଂ ଆବଶ୍ୟକ ହେଲେ ଥରେ ହାତରେ ଘାସ ବାଛି ସମ୍ପୂର୍ଣ୍ଣ ଘାସ ଦମନ କରନ୍ତୁ।

### ଗ) ସ୍ୱଳ୍ପ ଖର୍ଚ୍ଚରେ ରାସାୟନିକ ପଦ୍ଧତିରେ ଅନାବନା ଘାସ ଦମନ :

- ଧାନ ବୁଣା ହେବାର ୮-୧୦ ଦିନ ପରେ ଏକର ପିଛା ୧୨ ଗ୍ରାମ୍ ବିସ୍‌ସ୍ୱାଇରିବାକ୍ ସୋଡିୟମ୍ (ନୋମିନିଗୋଲ୍ଡ) ୧୨୦ ଲିଟର ପାଣିରେ ମିଶାଇ ଆର୍ଦ୍ର ମାଟିରେ ସିଞ୍ଚନ କଲେ ବିଭିନ୍ନ ପ୍ରକାର ସୁଆଁ ଘାସ ଦମନ ହୋଇଥାଏ।
- ଧାନ ବୁଣିବାର ୨୫ ଦିନ ପରେ ଏକର ପିଛା ୨୪ ଗ୍ରାମ୍ ଫେନୋକ୍‌ସାପ୍ରୋପ୍-ପି-ଇଥାଇଲ (ରାଇସ୍ ଷ୍ଟାର) ୧୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଖାଲୁଆ ଜମିରେ ୫-୬ ପତ୍ରବିଶିଷ୍ଟ ତୃଣ ଜାତୀୟ ଘାସ ଦମନ ହୋଇଥାଏ।
- ଜମିରେ ମୁଥା ଓ ଚଉଡା ପତରିଆ ଗୁଳ୍ମ ଅଧିକା ଦେଖାଗଲେ, ଧାନ ରୋଇବାର ୧୫ ଦିନ ପରେ ପ୍ରତି ଏକରରେ ଇଥୋକ୍ସିସଲ୍‌ଫ୍ୟୁରନ୍ (ସନ୍ ରାଇସ୍) ୬ ଗ୍ରାମ୍ ୧୨୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ।



ସୁଜି ଘାସ

## ବର୍ଷାଶ୍ରିତ ସ୍ୱଳ୍ପ ଖାଲୁଆ ଏବଂ ଜଳସେଚିତ ଜମିରେ କାଦୁଅ ବୁଣା ଧାନରେ ଅନାବନା ଘାସ ନିୟନ୍ତ୍ରଣ :

### କ) ଉନ୍ନତ ଚାଷ ପ୍ରଣାଳୀ ଦ୍ୱାରା ଅନାବନା ଘାସ ନିୟନ୍ତ୍ରଣ :

- ଧାନ ବୁଣିବାର ୧ ମାସ ପୂର୍ବରୁ ଶୁଖିଲା ଜମିକୁ ଭଲ ଭାବରେ ହଳ କରନ୍ତୁ ଏବଂ ପରେ ୭-୧୦ ଦିନ ବ୍ୟବଧାନରେ ୨ ଥର କାଦୁଅ କରି ଜମିକୁ ଭଲ କରି ସମତୁଲ କରନ୍ତୁ।
- ଦୁଇଥର କାଦୁଅ କରିବାର ମଧବର୍ତ୍ତୀ ସମୟରେ ଜମିରେ ୫-୭ ସେ.ମି. ପାଣି ଭର୍ତ୍ତି କରି ରଖନ୍ତୁ। ଏହାଦ୍ୱାରା ସମସ୍ତ ପ୍ରକାରର ଘାସ ଏବଂ ଧାନମୂଳି ସଢ଼ି ଯାଇଥାଏ।
- ପୁଞ୍ଜି ବୁଣା ଦ୍ୱାରା ଏକର ପିଛା ୧୬ କି.ଗ୍ରା. ଗଜା ବିହନକୁ ବ୍ୟବହାର କରି ଧାଡିକୁ ଧାଡି ୨୦ ଏବଂ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ (ରବି ଋତୁରେ ଧାଡ଼ିକୁ ଧାଡ଼ି ୧୫ ଏବଂ ଗଛକୁ ଗଛ ୧୫ ସେ.ମି.) କାଦୁଅରେ ବୁଣନ୍ତୁ କିମ୍ବା ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ କ୍ରମାଗତ ଭାବରେ ହାତରେ ବା ବିହନ ବୁଣା ଯନ୍ତ୍ର (ଡ୍ରମ୍ ସିଡର) ଦ୍ୱାରା ବୁଣନ୍ତୁ।
- ଯବକ୍ଷାରଜାନ ସାର ମୂଳସାର ଭାବେ ବ୍ୟବହାର କଲେ ପ୍ରଥମ ଅବସ୍ଥାରେ ବହୁତ ପରିମାଣର ଘାସ ଦେଖାଦେଇଥାଏ। ଅନୁମୋଦିତ ଯବକ୍ଷାରଜାନ ସାରକୁ ମୂଳସାର ଭାବେ ପ୍ରୟୋଗ ନ କରି ସମାନ ୪ ଭାଗରେ ଭାଗ କରି ବୁଣିବାର ୧୫,୩୦, ୪୫ ଏବଂ ୬୦ ଦିନରେ ବ୍ୟବହାର କରନ୍ତୁ।



ଲବଙ୍ଗୀ ଘାସ

### ଖ) ଯାନ୍ତ୍ରିକ ଉପାୟରେ ଅନାବନା ଘାସ ଦମନ:

- ଜମିରେ ଅଳ୍ପ ପାଣିଥିବା ସମୟରେ ବୁଣିବାର ୧୫-୨୦ ଦିନ ପରେ ଆଙ୍ଗୁଠି ଆକୃତିର ଘାସ ଓପଡା ଯନ୍ତ୍ର ଚଲାନ୍ତୁ ଏବଂ ଆବଶ୍ୟକ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ହାତରେ ଘାସ ବାଛନ୍ତୁ।



ଫୁଲ୍‌କା ଘାସ

### ଗ) ରାସାୟନିକ ପଦ୍ଧତିରେ ଅନାବନା ଘାସ ଦମନ :

- ଧାନବୁଣାର ୧୦-୧୨ ଦିନରେ ଏକର ପିଛା ୧୨ ଗ୍ରାମ୍ ବିସ୍‌ସ୍ୱାଇରିବାକ୍ ସୋଡିୟମ୍ (ନୋମିନିଗୋଲ୍ଡ) ସିଞ୍ଚନ କଲେ ଘାସ ଜାତୀୟ ତଥା ସୁଆଁ ନିୟନ୍ତ୍ରଣ ହୋଇଥାଏ।
- ଧାନ ବୁଣାର ୫-୭ ଦିନ ପରେ ବେନ୍ ସଲଫ୍ୟୁରାନ୍ ମିଥାଇଲ୍ ୨୪ ଗ୍ରାମ୍ + ପ୍ରେଟିଲାକ୍ଲୋର୍ ୨୪୦ ଗ୍ରାମ୍ (ଲୋଣ୍ଡାକ୍ସ ପାଓ୍ୱାର) ଏକର ପିଛା ୪ କିଲୋଗ୍ରାମ୍ ଦାନାକୁ ୪ କିଲୋଗ୍ରାମ୍ ବାଲି ସହ ମିଶାଇ ଛାଟିଲେ ସମସ୍ତ ପ୍ରକାରର ଅନାବନା ଘାସ ଦମନ ହୋଇଥାଏ।